# ଦିନର କଥା ବି ରାତିରେ ସ୍ୱପ୍ନ

ବାପୁନ୍ ଥିଲା ଭାରି ଆଇଁଷ ଡାଆଣା । ଯେତେ ଯାହା ଥିଲେ ବି ମାଛ ଶୁଖୁଆ ଟିକେ ଦରକାର ।

ଘରେ ବାପା, ମାଆ ଆଉ ସାନଭଉଣୀ । ବାପାଙ୍କର ସରକାରୀ ଚାକିରୀ । ତାଙ୍କର ବଦଳି ହୋଇଗଲା ସମ୍ବଲପୁରକୁ । ବଡ ଅସୁବିଧା ହେଲା । ମାଛ ଆଉ ସବୁଦିନ ବଜାରରୁ କିଏ ଆଣି ଦେବ ?

ଥରେ ତା ମାମୁଁ ଆଇଙ୍କୁ ସାଙ୍ଗରେ ଧରି ତାଙ୍କ ଘରକୁ ଆସିଲେ । ତାଙ୍କ ବାଡି ପୋଖରୀରୁ ଗୋଟାଏ ବଡ ରୋହୀମାଛ ବି ଧରିକରି ଆଣିଥିଲେ । ମାଛଟାକୁ ଦେଖି ବାପୁନ୍‌ର ଖୁସି କହିଲେ ନସରେ ।

ଦିନେ ଦୁଇଦିନ ରହିବା ପରେ ଆଇଙ୍କୁ ଛାଡି ଦେଇ ମାମୁଁ ଫେରିଗଲେ ତାଙ୍କ ଗାଆଁକୁ । ଆଇ ରହିଯିବାରୁ ଖରାଦିନ ଦି'ପହରେ କେତେ କେତେ କାହାଣୀ ସେ କହି ବସନ୍ତି । ବାପୁନ୍ ଆଁ ଟା କରି ସତେ ଯେମିତି ଗପଗୁଡାକୁ ପିଇଗଲା ପରି ମନଦେଇ ଶୁଣୁଥାଏ । ଥରେ ସେ ଓଧ ଆଉ ଭୁଆଁ ବିରାଡିଙ୍କ କଥା ଆରମ୍ଭ କଲେ -

ଗୋଟିଏ ଓଧ ଆଉ ଗୋଟାଏ ଭୁଆଁ ବିରାଡି ଭାରି ସାଙ୍ଗ । ଓଧ ପାଣିରୁ ମାଛଧରି ଉପରକୁ ଆଣେ । ଦୁଇସାଙ୍ଗ ସାଥି ହୋଇ ଖାଆନ୍ତି ।



ଏତିକି କଥା ଶୁଣୁଶୁଣୁ ବାପୁନ୍ କହିଲା - 'ଆଇ, ଆମର ବି ଗୋଟାଏ ଓଧ ରଖିବା । ସେ ମାଛ ଧରି ଆଣିବ ଆଉ ଆମେ ଖାଇବା ।'

ଆଇ ମା' ହସି ଦେଇ କହିଲେ - 'ହଉ, ହଉ... ଏଥର ତୋ ବାପା ଆସିଲେ, ଗୋଟାଏ ଓଧ କିଣିଦେବାକୁ କହିବା ।

ବାପୁନ୍ ଭାରି ଖୁସି ହେଲା । ଯା'ହେଉ, ଓଧଟାଏ ଆସିଗଲେ, ସବୁଦିନ ମାଛ ଖାଇବାକୁ ମିଳିବ ।

ସେଦିନ ରାତିରେ ବାପୁନ୍ ଶୋଇବାକୁ ଗଲାବେଳେ ଭାବିଲା - ଗୋଟାଏ କ'ଣ ମ... ଦୁଇ କି ତିନିଟା ଓଧ ପାଳିଲେ ଆହୁରି ବେଶି ବେଶି ମାଛ ଧରି ଆଣି ଦେବେ । ଏଇ କଥା ଭାବୁଭାବୁ ବାପୁନ୍‌କୁ କେତେବେଳେ ନିଦଲାଗିଗଲା ସେ ଜାଣିନି ।

ଶୋଇଶୋଇ ସେ ସପନରେ ଦେଖିଲା - ସେ ତିନିଟା ଓଧ ପାଳିଛି । ଭାରି ଭଲ ଓଧ । ଓଧ ତିନିଟାଙ୍କୁ ଧରି ସେ ଖରା ଛୁଟିରେ ମାମୁଁ ଘରକୁ ଯାଇଛି । ନିଇତି ଓଧ ତିନିଟା ଯାଇ ମାଛ ଧରି ଆଣନ୍ତି । ଦିନେ ତିନିଟା ଯାକ ମିଶି ପାଖ ପୋଖରୀରୁ ଗୋଟାଏ ବଡ ବାଲିଆ ମାଛ ଧରି ଆଣିଲେ । ମାଇଁ ମାଛ ଭାଜି ଥାଳିଆଏ ମାଛ ଭଜା ବାପୁନ୍‌କୁ ଧରେଇ ଦେଲେ । ମନ ଖୁସିରେ ବାପୁନ୍ ବସି ମାଛ ଭଜା ଖାଉଥାଏ ଆଉ ଗୁଣୁ ଗୁଣୁ କରି ପଦେଲେଖାଁ ଗୀତ ଗାଇ ଦେଉଥାଏ ।



ଠିକ୍ ଏତିକି ବେଳକୁ କୁଆଡେ ଥିଲା କେଜାଣି ତାଙ୍କ କାଳିଆ ଭୁଆଟା ଭୁସ୍ କିନା ଝାମ୍ପି ପଡିଲା ମାଛ ଥାଳିଆ ଉପରକୁ । ମାଛ ଦୁଇଖଣ୍ଡ ତ ନେଲା, ହେଲେ ବାକି ସବୁଗୁଡାକ ତଳେ ବିଞ୍ଚି ଦେଇଗଲା । ବ୍ୟସ୍ତ ହେଇ ଭେଁ କିନା କାନ୍ଦି ଉଠିଲା ବାପୁନ୍ ।



ରାତି ଅଧରେ ହଠାତ୍ ବାପୁନ୍‌ର କାନ୍ଦ ଶୁଣି ସମସ୍ତେ ତା'ପାଖରେ ରୁଣ୍ଡ ହୋଇଗଲେ । ହେଲେ ବାପୁନ୍‌ର କାନ୍ଦ ଜମା ବନ୍ଦ ହେଉ ନ ଥାଏ । କେତେ ବୁଝାବୁଝି ପରେ କାନ୍ଦ ବନ୍ଦକରି ବାପୁନ୍ କହିଲା - ମୋ ମାଛ ଭଜା ଭୁଆ ନେଇଗଲା ।

ମାଆ କହିଲେ - ଆଜି ଗୁରୁବାରରେ ମାଛ କୁଆଡୁ ଆସିବ... ?

ଆଈ କହିଲେ, "ଦିନରେ ଶୁଣିଥିବା, ଓଧ ମାଛ ଧରିବା କଥା ତୋର ବୋଧେ ମନେ ପଡିଛି ।"

ମାଆ କହିଲେ - ହଁ...ହଁ... ଦିନରେ ଶୁଣିଥିବା କଥା ସବୁକୁ ଆମେ ବେଳେବେଳେ ଏମିତି ସପନରେ ଦେଖୁ ।

ବାପୁନ୍ ଭାବୁଥିଲା - ଆଃ... ସପନ ଭାଙ୍ଗିବା ଆଗରୁ ମାଛ ଭଜା ଖଣ୍ଡେ ଦୁଇଖଣ୍ଡ ଭଲା ସେ ଖାଇ ଦେଇଥାନ୍ତା । ତା ପରେ ସପନ ବୋଲି ଜାଣିଥିଲେ ଆଉ କିଛି ଦୁଃଖ ନ ଥାନ୍ତା ।